ODIA

# ଭାରତର ସଂବିଧାନ

## ପ୍ରସ୍ତାବନା

ଆମେ ଭାରତର ଲୋକେ ଭାରତକୁ ଏକ ସଂପୂର୍ଣ୍ଣ
ପ୍ରଭୁତାସଂପନ୍ନ ସମାଜବାଦୀ, ଧର୍ମନିରପେକ୍ଷ
ଲୋକତନ୍ତ୍ରାତ୍ମକ ଗଣରାଜ୍ୟ ଗଠନ କରିବା ନିମିତ୍ତ
ଏବଂ ଏହାର ସମସ୍ତ ନାଗରିକଙ୍କୁ ସାମାଜିକ,
ଆର୍ଥିକ ଓ ରାଜନୈତିକ ନ୍ୟାୟ, ତଥା ବିଚାର,
ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର
ସ୍ୱାଧୀନତା ଏବଂ ପ୍ରତିଷ୍ଠା ଓ ସୁଯୋଗର ସମତା
ପ୍ରାପ୍ତ କରାଇବା ନିମିତ୍ତ, ତଥା ସେମାନଙ୍କ ମଧ୍ୟରେ
ବ୍ୟକ୍ତିର ଗରିମା ଓ ରାଷ୍ଟ୍ରର ଏକତା ଓ ଅଖଣ୍ଡତାକୁ
ସୁନିଶ୍ଚିତ କରୁଥିବା ଭ୍ରାତୃତ୍ୱ ବର୍ଦ୍ଧନ କରାଇବା
ନିମିତ୍ତ ଦୃଢ଼ ସଂକଳ୍ପ ହୋଇ ଆମ୍ଭମାନଙ୍କର ଏହି
ସଂବିଧାନ ସଭାରେ ଅଦ୍ୟ ୧୯୪୯ ମସିହା
ନଭେମ୍ବର ମାସ ଷଡ଼ବିଂଶ ଦିବସରେ ଏହି
ସଂବିଧାନକୁ ଏତଦ୍ଦ୍ୱାରା ଅଙ୍ଗୀକୃତ,
ଅଧିନିୟମିତ ଏବଂ ଆତ୍ମାର୍ପିତ କରୁଅଛୁ ।